## ଗଞ୍ଜାମ ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ



ଦୈତାରୀ ବେହେରା — ଖଲ୍ଲିକୋଟ | ସାଇବାଣୀ ମଲ୍ଲିକ — ସୋରଡ଼ା | ନରୀସଭା ନାୟକ — ଭଞ୍ଜନଗର



ଜୟଶ୍ରୀ ସାହୁ — ଜଗନ୍ନାଥ ପ୍ରସାଦ | ପ୍ରଶାନ୍ତ ନାୟକ — ବେଲଗୁଣ୍ଠା | କୃଷ୍ଣଚନ୍ଦ୍ର ନାୟକ — ଶେରଗଡ଼



ସରସ୍ୱତୀ ସେଠୀ — ହିଞ୍ଜିଳିକାଟୁ | ଶର୍ମିଷ୍ଠା ପ୍ରଧାନ — ଗଞ୍ଜାମ | ସୁନିତା ସେଠୀ — ଦିଗପହଣ୍ଡି



ସୀମାଞ୍ଚଳ ପାତ୍ର — ସାନଖେମୁଣ୍ଡି | କଳ୍ପନା ପ୍ରଧାନ — ପୋଲସରା | ଜ୍ୟୋତିର୍ମୟୀ ସ୍ୱାଇଁ — କବିସୂର୍ଯ୍ୟନଗର



ଅପନା ସେଠୀ — ଚିକିଟି | ପିଙ୍କି ବେହେରା — ପୁରୁଷୋତ୍ତମପୁର | ସୁରକ୍ଷଣା ଗୀତାଞ୍ଜଳି ଦେବୀ — ଧରାକୋଟ | ତ୍ରିବେଣୀ ନାହାକ — ଆସିକା



ୱାଇ.ସଂଯୁକ୍ତା — ପାତ୍ରପୁର | କେ. ପ୍ରିୟଦର୍ଶିନୀ ଆଚାରୀ — ବୁଗୁଡା | ସିହେଚ୍ ଉଷାରାଣୀ — ରଙ୍ଗେଇଲୁଣ୍ଡା



କାମାକ୍ଷା ପ୍ରସାଦ ପାତ୍ର — କୁକୁଡାଖଣ୍ଡି | ରେଣୁ ଗୌଡ଼ — ବେଗୁନିଆପଡା

### ଗଜପତି



ବାଲା ସାୟାଆମ୍ମା — କାଶୀନଗର | ସୁନେମି ମଣ୍ଡଳ — ଗୁମ୍ମା | ଭି.ରାଜୁ — ଗୋଷାଣୀ



ରଞ୍ଜୀବ ଶବର — ମୋହନା | ପୂର୍ଣ୍ଣବାସୀ ନାୟକ — ରାୟଗଡ଼ | ମାଳତୀ ପ୍ରଧାନ — ନୂଆଗଡ | ଲକ୍ଷ୍ମୀ ନାରାୟଣ ଶବର — ଆର. ଉଦୟଗିରି

### କନ୍ଧମାଳ



ସସ୍ମିତା କହଁର — ଫୁଲବାଣୀ | ନମିତା କହଁର — ଫିରିଙ୍ଗିଆ | ପିଙ୍କି କହଁର — କୋଟଗଡ଼ | ବାସନ୍ତୀ ମାଝି — ତୁମୁଡିବନ୍ଧ



ମିଶାବତୀ କହଁର — ବାଲିଗୁଡ଼ା | ବୈନେତ୍ରୀ କହଁର — ଚକାପାଦ | ସୁଶାନ୍ତ ପ୍ରଧାନ — ଦାରିଙ୍ଗିବାଡ଼ି | ଅନିମା କହଁର — ଖଜୁରିପଡ଼ା



ସୁଷମା ପ୍ରଧାନ — ଜି.ଉଦୟଗିରି | ସୁଲୋଚନା ଦଳବେହେରା — କ.ନୂଆଗାଁ | ପ୍ରୀତମ ଚନ୍ଦ୍ର ପ୍ରଧାନ — ରାଇକିଆ | ଦିଲୀପ କହଁର — ଟିକାବାଲି

# ଅଜ୍ଞାତବାସରେ ୧୦ ଭାଜପା କର୍ପୋରେଟର ପ୍ରାର୍ଥୀ

■ ନାମାଙ୍କନ ପ୍ରତ୍ୟାହାର ପାଇଁ ଧମକରୁ ତ୍ରାହି

■ ସବୁ ଦଳର ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର

ବ୍ରହ୍ମପୁର ଅଫିସ,୧୨।୩

ପୌର ନିର୍ବାଚନ ପାଇଁ ନାମାଙ୍କନ ପ୍ରତ୍ୟାହାର ଲାଗି ଚାପ ଓ ଧମକ ଯୋଗୁ ୧୦ ଭାଜପା ପ୍ରାର୍ଥୀ ଅଜ୍ଞାତବାସରେ ଅଛନ୍ତି। ଅନ୍ୟପକ୍ଷରେ ଭାଜପାର ସଂଗୀନ ଅଭିଯୋଗ ପରେ ଶନି ଓ ରବିବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ପ୍ରଶାସନ ବନ୍ଦ ରଖିଛନ୍ତି। ସୂଚନାଯୋଗ୍ୟ, ଇତିମଧ୍ୟରେ ୩ ଭାଜପା ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବାରୁ ବିଜେଡିର କର୍ପୋରେଟର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି। ପ୍ରତିବାଦରେ ଭାଜପା ନେତା ଓ କର୍ମୀ ଗତ ଶୁକ୍ରବାର ଦିନତମାମ ନିର୍ବାଚନ ଅଧିକାରୀଙ୍କ ଦପ୍ତର ପାଖରେ ଜଗି ରହିବାରୁ କେହି ପ୍ରତ୍ୟାହାର କରିପାରି ନ ଥିଲେ। ପୁରୁଣାକାଳିଆ ଲୋକେ କହିବାନୁସାରେ ନାମାଙ୍କନ ପ୍ରତ୍ୟାହାର ନିମନ୍ତେ ଧମକ ଦେବା ଶତାଧିକ ବର୍ଷର ଏହି ପୌର ଇତିହାସରେ ପ୍ରଥମ। ବ୍ରହ୍ମପୁରରେ ବିଏମ୍‌ସି ମେୟର ଓ କର୍ପୋରେଟର ପ୍ରାର୍ଥୀମାନଙ୍କ ନିର୍ବାଚନୀ ପ୍ରଚାର ଶନିବାର ପ୍ରତିଯୋଗିତାମୂଳକ ହୋଇଥିଲା। ବିଜେଡି, ଭାଜପା ଓ କଂଗ୍ରେସର ଭୋଟ ପ୍ରଚାରରେ ମହାନଗର କମ୍ପିଥିଲା। ବିଜେଡି ପକ୍ଷରୁ ୭, ୮, ୯, ୧୦ ଓ ୧୧ନଂ. ୱାର୍ଡରେ ଜୋରଦାର ପ୍ରଚାର କରାଯାଇଥିଲା। ମେୟର ପ୍ରାର୍ଥୀ ସଂଘମିତ୍ରା ଦଳାଇଙ୍କ ସହିତ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଅନ୍ୟମାନେ ଥିଲେ। ରାଲିରେ ଶହ ଶହ କର୍ମୀ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ। ସେହିପରି ଭାଜପା ମେୟର ପ୍ରାର୍ଥୀ ସବିତା ସୁଆରଙ୍କ ପ୍ରଚାର ମଙ୍ଗ ଧରିଥିଲେ କାହ୍ନୁ ଚରଣ ପତି ଓ ଅନ୍ୟମାନେ। ୱାର୍ଡ ନଂ ୮ରୁ ଭୋଟ ପ୍ରଚାର ଆରମ୍ଭ ହୋଇ ଅନ୍ୟ ୱାର୍ଡ ପରିକ୍ରମା କରିଥିଲା।

ସେହିପରି ଯେଉଁ କେତେକ ବିଜେଡିରୁ ଟିକେଟ ନ ପାଇ ବିଦ୍ରୋହୀ ସାଜିଛନ୍ତି ଓ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଛନ୍ତି ବିଭିନ୍ନ ୱାର୍ଡରେ ସେମାନେ ଆମ ନେତା ନବୀନ କହି ଭୋଟ ପ୍ରଚାର କରୁଛନ୍ତି। ଫଳରେ ଅଞ୍ଚଳବାସୀ ଓ ବିଜେଡି ପ୍ରାର୍ଥୀ ଅଡୁଆରେ ପଡ଼ିଛନ୍ତି। ବିଦ୍ରୋହୀମାନଙ୍କୁ ନାମାଙ୍କନ ପ୍ରତ୍ୟାହାର ନିମନ୍ତେ ମାନଭଞ୍ଜନ କରାଯାଉଛି। ଆସନ୍ତା ସୋମବାର ସନ୍ଧ୍ୟାରେ ମନାଇବା ପର୍ବ ସଫଳ ନା ବିଫଳ ତାହା ସ୍ପଷ୍ଟ ହେବ।

## ସିଟି ହାଇସ୍କୁଲରେ ସ୍କାଉଟ ଓ ଗାଇଡ୍ ତାଲିମ ଶିବିର




ତାଲିମ ଶିବିରରେ ଉପସ୍ଥିତ ଶିକ୍ଷକ ବୃନ୍ଦ।

ବ୍ରହ୍ମପୁର ଅଫିସ,୧୨।୩

ସିଟି ହାଇସ୍କୁଲରେ ଶନିବାର ଗଞ୍ଜାମ ଜିଲା ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ଅଣତାଲିମ ଶିକ୍ଷକଙ୍କ ପ୍ରାରମ୍ଭିକ ସ୍କାଉଟ ଓ ଗାଇଡ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଭାତୀ ମହାପାତ୍ର, ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝି, ଜିଲା ସ୍କାଉଟସ ଓ ଗାଇଡସ ସମ୍ପାଦକ ଭାଗୀରଥି ସ୍ୱାଇଁ ଯୋଗ ଦେଇଥିଲେ। ଏହି ଶିବିରରେ ପ୍ରାୟ ୩୪୦ ଜଣ ସ୍କାଉଟ ଶିକ୍ଷକ ଓ ଗାଇଡ କ୍ୟାପଟେନ ତାଲିମ ପାଇଁ ଯୋଗ ଦେଇଥିଲେ। ଶିବିରରେ ପ୍ରଶିକ୍ଷକ ଭାବେ ସହକାରୀ ଜିଲା ସ୍କାଉଟସ୍ ଓ ଗାଇଡସ କମିଶନର ରାମହରି ସାହୁ, ତାଲିମ କମିଶନର ବିକ୍ରମ ମହାରଣା, ସଂଗଠନ କମିଶନର ଲକ୍ଷ୍ମୀ ନାରାୟଣ ପଣ୍ଡା, ଭାସ୍କର ରଣା, ତାଲିମ କମିଶନର ଗାଇଡ ସ୍ୱପ୍ନା ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜ କିଶୋର ଦାଶ, ରାଜେନ୍ଦ୍ର ପାତ୍ର, ଶୁଭଶ୍ରୀ ସାବତ ଓ ମିନି ସାହୁଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ପରିବହନ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଅଦାଲତ

ବ୍ରହ୍ମପୁର ଅଫିସ,୧୨।୩

ପରିବହନ ବିଭାଗ ତରଫରୁ ଗତ ଦୁଇଦିନ ଧରି ଏକ ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଅନୁଷ୍ଠିତ ଅଦାଲତରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସଂଗ୍ରାମ କୁମାର ମିଶ୍ର ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୋଟରଯାନ ଆଇନ ଉଲ୍ଲଂଘନ କରିଥିବା ୬୦ ଗାଡ଼ିରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ପରିବହନ ବିଭାଗର ଏଆରଟିଓ କେ. ଭେଙ୍କେଟ ରାଓ, ଏମ୍‌ଭିଆଇ ପ୍ରତାପ କୁମାର ବେହେରା ଓ ତାଙ୍କ ଟିମ୍ ବିଭିନ୍ନ ଗାଡିର କାଗଜପତ୍ର ଯାଞ୍ଚ କରି ଜରିମାନା ଆଦାୟ କରିଥିଲେ। ଆଗାମୀ ଦିନରେ ମଧ୍ୟ ସହରର ପ୍ରମୁଖ ଛକ ଓ ସହର ଉପକଣ୍ଠରେ ଏଭଳି ଯାନବାହନ ଯାଞ୍ଚ ପ୍ରକ୍ରିୟା ଜାରି ରହିବ। ସେହିପରି ଉଲ୍ଲଂଘନକାରୀଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ଏଆରଟିଓ ରାଓ ସୂଚନା ଦେଇଛନ୍ତି।

## ଉଦ୍‌ଘାଟନୀ ଦିବସରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ତକ୍ଷଶୀଳା ବିଜୟୀ

### ହାଇସ୍କୁଲସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବ୍ରହ୍ମପୁର ଅଫିସ,୧୨।୩

ବ୍ରହ୍ମପୁର ସବ୍‌ଡିଭିଜନାଲ ଅଲିମ୍ପିକ ଆସୋସିଏଶନ ପକ୍ଷରୁ ଦୁଇଦିନିଆ ହାଇସ୍କୁଲସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ସହର ଉପକଣ୍ଠସ୍ଥ ରାଳବସ୍ଥିତ ଏକ ଘରୋଇ ସ୍କୁଲ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରଦୀପ କିଶୋର ପାଣିଗ୍ରାହୀ ଯୋଗଦେଇଥିଲେ। ସବ୍‌ଡିଭିଜନାଲ ଅଲିମ୍ପିକ ସଂଘ ସମ୍ପାଦକ ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ବ୍ରହ୍ମପୁରର ୫ ଘରୋଇ ସ୍କୁଲ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର ଓ ସଂକଳ୍ପ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୧ ଗୋଲରେ ମ୍ୟାଚ ଟାଇ ହୋଇଥିବାରୁ ପେନାଲଟି ସୁଟ୍‌ଆଉଟ ଖେଳାଯାଇଥିଲା। ଏଥିରେ ୩-୦ ପଏଣ୍ଟରେ କେନ୍ଦ୍ରୀୟ ବିଦ୍ୟାଳୟ ବିଜୟ ହେବା ସହ ସିଧାସଳଖ ଭାବେ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ ତକ୍ଷଶୀଳା ଓ କେସି ପବ୍ଲିକ ସ୍କୁଲ ମଧ୍ୟରେ ଖେଳାଯାଇଥିବା ବେଳେ ମ୍ୟାଚ ପୁନଃ ଟାଇ ରହିଥିଲା। ପେନାଲଟି ସୁଟ୍‌ଆଉଟରେ ୨-୧ ପଏଣ୍ଟରେ ତକ୍ଷଶୀଳା ଶିକ୍ଷାନୁଷ୍ଠାନ ପ୍ରତିଯୋଗୀମାନେ ବିଜୟୀ ହୋଇଛନ୍ତି।

## 'ଜୀବନ ମଧୁର ଯନ୍ତ୍ରଣା, ମଧୁସିକ୍ତ ବେଦନା'

■ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୫ମ ସନ୍ଧ୍ୟା

■ 'ଏଇ ବୋଧେ ପ୍ରେମ' ନାଟକ ମଞ୍ଚସ୍ଥ

ବ୍ରହ୍ମପୁର ଅଫିସ,୧୨।୩

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିବା ୧୪ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ୫ମ ସନ୍ଧ୍ୟାରେ 'ଏଇ ବୋଧେ ପ୍ରେମ' ନାଟକ ମଞ୍ଚସ୍ଥ ହୋଇଛି। ଏଥିରେ ଓଡିଶା ନାଟ୍ୟ ସଂଘ ସଭାପତି ହରେନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ନବୀନ ପରିଡା, ରାଜ୍ୟ ସଂସ୍କୃତି ବିଭାଗର ପ୍ରାକ୍ତନ ସହ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଓଡିଶା ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢୀ ଯୋଗ ଦେଇଥିଲେ। ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ସାମା ସୀମାଦ୍ରୀ ଅଧ୍ୟକ୍ଷତା କରିଥିବା ବେଳେ ସୁନୀଲ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଭୁବନେଶ୍ୱର ବିଦ୍ୟାଜନକ ସୃଜନାନୁଷ୍ଠାନ ପକ୍ଷରୁ ଏଇ ବୋଧେ ପ୍ରେମ ନାଟକ ପରିବେଶଣ ହୋଇଥିଲା। ଜୀବନ ଏକ ମଧୁର ଯନ୍ତ୍ରଣା, ମଧୁସିକ୍ତ ବେଦନା। କିଛି ଦ୍ୱିଧା, ଦ୍ୱନ୍ଦ୍ୱ ଓ ଦୃଢ ନିଷ୍ପତ୍ତିକୁ ନେଇ ଏହି ନାଟକ ଆଧାରିତ ହୋଇଛି। ଏହି ନାଟକକୁ ନାଟ୍ୟକାର ଦିଲୀପ ବଳବନ୍ତ ରାୟ ରଚନା କରିଥିବା ବେଳେ ଜଗଦୀଶ ମହାରଣା ନିର୍ଦ୍ଦେଶନା ଦେଇଛନ୍ତି। ନାଟକର ଭୂମିକାରେ ନବୀନ ପରିଡା, ସୌନିକା, ଜଗଦୀଶ, ଶୁଭଙ୍କର, ଲକ୍ଷ୍ମୀପ୍ରିୟା ଓ ବନିତା ପ୍ରମୁଖ ଅଭିନୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମଳ କୁଣ୍ଡ, ଡ.ମିହିର ତ୍ରିପାଠୀ, ଶଙ୍କର୍ଷଣ ସାବତ, ପ୍ରତାପ ମହାପାତ୍ର, ମଦନ ମିଶ୍ର, ଅନୀଲ ବିମଳ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

### ୬ .୫୯ କୋଟି କ୍ଷତିପୂରଣ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୨।୩

ରାଜ୍ୟ ଆଇନସେବା ପ୍ରାଧିକରଣ ସଂଯୋଜନାରେ ଗଞ୍ଜାମ ଜିଲା ଅଦାଲତଗୁଡ଼ିକରେ ଚଳିତବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୩୧ ମୋଟରଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ବୀମା କମ୍ପାନୀଗୁଡ଼ିକୁ ୬ କୋଟି ୫୯ ଲକ୍ଷ ୫୫ ହଜାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗଞ୍ଜାମ ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କୈଳାସ ସାହୁଙ୍କ ପରିଚାଳନାରେ ମୋଟ ୫ଟି ବେଞ୍ଚ ବସିଥିଲା। ପ୍ରତ୍ୟେକ ବେଞ୍ଚରେ ବିଚାର ବିଭାଗୀୟ ଅଧିକାରୀ ଓ ୨ ଜଣ ସଭ୍ୟ ଉପସ୍ଥିତ ଥିଲେ। ପରିବାର ଅଦାଲତରେ ୬୨ଟି ମାମଲାର ଶୁଣାଣି କରାଯାଇଥିବା ବେଳେ ସେମାନଙ୍କର ବୈବାହିକ କଳହର ଅନ୍ତଃ ଘଟାଇ ପୁଣି ଖୁସିରେ ଜୀବନଯାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ୫୦ ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇ ୧ କୋଟି ୭ ଲକ୍ଷ ୪୪ ହଜାର ୩୬୭ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୮୪ ଫୌଜଦାରି ମକଦ୍ଦମା ସାମାଧାନ କରାଯାଇଥିଲା। ଏଥିରେ ପ୍ରଥମ ଅତିରିକ୍ତ ଜିଲା ଜଜ୍ ସଂଘମିତ୍ରା ଶର୍ମା, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର, ତୃତୀୟ ଅତିରିକ୍ତ ଜିଲା ଜଜ୍ ଅଞ୍ଜନା ସ୍ୱାଇଁ ମୋଟର ଦୁର୍ଘଟଣାଜନିତ ମକଦ୍ଦମା ସମାଧାନରେ ଅଂଶଗ୍ରହଣ କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ଅମରେଶ ନାୟକ ଏଥିରେ ସହଯୋଗ କରିଥିଲେ।

## ନିର୍ବାଚନ ପରବର୍ତ୍ତୀ ହିଂସା, ୫ ଗୁରୁତର

**ସୋରଡା,୧୨।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ହିଞ୍ଜୋଳକୁଦା ଗ୍ରାମରେ ଶନିବାର ସନ୍ଧ୍ୟାରେ ନିର୍ବଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି । ବ୍ଲକ ଅଧ୍ୟକ୍ଷ ନିର୍ବାଚନ ସରିବାପରେ ସମିତିସଭ୍ୟ ରାଜେଶ୍ୱରୀ ଗଉଡଙ୍କୁ ନେଇ ଗ୍ରାମରେ ପହଞ୍ଚିଥିବା ସେହି ଗ୍ରାମର ୫ ଜଣଙ୍କୁ ଖଣ୍ଡା, କାତିରେ ମରଣାତ୍ମକ ଆକ୍ରମଣ ହୋଇଛି। ଆହତମାନେ ହେଲେ ଗୋଟିଏ ପରିବାରର ରାଜେନ୍ଦ୍ର ଗଉଡ, ସୂର୍ଯ୍ୟ ଗଉଡ, ରୋହିତ ଗଉଡ, ବଂଶୀଧର ଗଉଡ, ବିକ୍ରମ ଗଉଡ। ସମସ୍ତ ଗୁରୁତରଙ୍କୁ ସୋରଡା ମେଡିକାଲ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପହଞ୍ଚି ଗୁରୁତରଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ଆଇଆଇସି ରମେଶ କୁମାର ପ୍ରଧାନ,ଏସ୍‌ଆଇ ଆର୍ତ୍ତତ୍ରାଣ ଡାନୀ ତଦନ୍ତ ଆରମ୍ଭ କରିଛନ୍ତି। ଗ୍ରାମର କେତେଜଣ ଯୋଜନା ବଦ୍ଧ ଭାବେ ଆକ୍ରମଣ କରିଥିବା ଅନୁମାନ କରାଯାଉଛି । ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିନାହିଁ।

## ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

**ଫୁଲବାଣୀ ଅଫିସ, ୧୨।୩:** କନ୍ଧମାଳ ଜିଲା ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ଦୁଇ ମାସର ଶିଶୁର ମୃତ୍ୟୁହୋଇଥିବା ଶନିବାର ଅଭିଯୋଗ ହୋଇଛି। ଡାକ୍ତରଙ୍କ ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିବା ପିତା ଶିବୁ ଦିଗାଲ ଓ ମା' ସୋନାଲି ବେହେରା କହିଛନ୍ତି। ସୂଚନା ଅନୁସାରେ, ଗତ ତିନି ଦିନ ତଳେ ଖଜୁରିପଡା ବ୍ଲକ ଦୂତିମେଣ୍ଡି ପଞ୍ଚାୟତ ବଇକୁମ୍ପାର ଶିବୁ ନିଜ ଦୁଇ ମାସର ଶିଶୁର ପରିସ୍ରା ହେଉ ନ ଥିବାରୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଦୂରରୁ ଦେଖି ଔଷଧ ଲେଖି ଛାଡ଼ି ଦେଇଥିଲେ। ଶନିବାର ସକାଳୁ ଶିଶୁଟି ଗୁରୁତର ହେବାରୁ ପୁଣି ତାକୁ ମେଡିକାଲ ଅଣାଯାଇଥିଲା। ହେଲେ ଦାୟିତ୍ୱରେ ଥିବା ନର୍ସ ଡାକ୍ତରଙ୍କୁ ନ ଡାକି ନିଜେ କିଛି ମେଡିସିନ ଦେଇ ୱାର୍ଡକୁ ପଠାଇ ଦେଇଥିଲେ। ତୁରନ୍ତ ଚିକିତ୍ସା ନ ମିଳିବାରୁ ଶିଶୁର ମୃତ୍ୟୁ ହୋଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଅଭୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଆମେ ଅଭିଯୋଗ ପାଇଛୁ,ଅନୁଧ୍ୟାନ ଚାଲିଛି। ଯଦି ଚିକିତ୍ସାରେ ଅବହେଳା ହୋଇଥିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।






**ସଂକ୍ଷେପରେ**

## ଦୁର୍ଘଟଣାରେ ଯୁବକ ମୃତ

**ବ୍ରହ୍ମପୁର ଅଫିସ,୧୨।୩:** ରାସ୍ତା ଉପରେ ଠିଆ ହୋଇଥିବା ଜଣେ ଯୁବକଙ୍କୁ ଏକ ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ସଦର ଥାନା ଅନ୍ତର୍ଗତ ଗଣ୍ଡଳା ଗ୍ରାମର କୈଳାସ ସେଠୀ(୨୧)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୧୨୮/୨୨ ରେ ଏକ ମାମଲା ରୁଜୁ କରି ବ୍ୟବଛେଦ ପାଇଁ ପଠାଇଛି। ପ୍ରକାଶ ଯେ, କୈଳାସ କେରଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ନିଜ ଗାଁକୁ ଆସିଥିଲେ। ଶନିବାର ସେ କୌଣସି କାମରେ ବେଲଗାଁ ଯାଇଥିଲେ। ଅପରାହ୍ନ ପ୍ରାୟ ଦୁଇଟା ବେଳେ ସେ ବେଲଗାଁ ଛକ ନିକଟରେ ବାଇକ ପାର୍କିଂ କରି ରାସ୍ତା କଡରେ ଠିଆ ହୋଇଥିଲେ। ହଠାତ ସେହି ସମୟରେ ଏକ ଗାଡି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର କୈଳାସଙ୍କର ମୃତ୍ୟୁ ଘୋଷଣା କରିଥିଲେ।

## ଜାମିନ ବିହୀନ ଗିରଫ ପରୱାନା ବଳରେ ଅଭିଯୁକ୍ତ ଗିରଫ

**ଗୋପାଳପୁର,୧୨।୩(ଡି.ଏନ.ଏ.):** ବଳାତ୍କାର ମାମଲାରେ ଜାମିନବିହୀନ ଗିରଫ ପରୱାନା ବଳରେ ଅଭିଯୁକ୍ତଙ୍କୁ ଗୋପାଳପୁର ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନୂଆ ବକ୍ସିପଲ୍ଲୀ ଗ୍ରାମର କେ. ଡିଲେଶୁ ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ଏହି ଥାନା ଅଞ୍ଚଳରେ ୨୦୧୮ରେ ଜନୈକା ନାବାଳିକାଙ୍କୁ ଡିଲେଶୁ ଅପହରଣ କରି ବାରମ୍ବାର ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗୋପାଳପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଡିଲେଶୁଙ୍କୁ କୋର୍ଟ ଚାଲାଣ କରିଥିଲା। ସେ କିଛି ମାସ ଜେଲରେ ରହିବା ପରେ ଜାମିନରେ ବାହାରିଥିଲେ। ଏନେଇ ବଳାତ୍କାର ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଧାର୍ଯ୍ୟ ତାରିଖରେ ଡିଲେଶୁ ଉପସ୍ଥିତ ରହୁ ନ ଥିଲେ। ଏ ନେଇ କୋର୍ଟ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଶୁକ୍ରବାର ରାତ୍ରିରେ ବକ୍ସିପଲ୍ଲୀରେ ଡିଲେଶୁ ଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। କୋର୍ଟ କେସ ଜିଆର ନଂ ୫୬/୧୮ରେ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଖମାରୀ ସୂଚନା ଦେଇଛନ୍ତି।

## ଫସଲ ଖାଇବାକୁ ନେଇ ବୃଦ୍ଧଙ୍କୁ ଆକ୍ରମଣ

**ପୋଲସରା,୧୨।୩(ଡି.ଏନ୍.ଏ.) :** ପୋଲସରା ଥାନା ମଥୁରା ଗ୍ରାମରେ ଶନିବାର ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଆହତ ହୋଇଥିବା ବୃଦ୍ଧ ଜଣକ ହେଲେ ମଥୁରା ଗ୍ରାମର ପ୍ରଫୁଲ୍ଲ ସାହୁ। ପ୍ରଫୁଲ୍ଲ ତାଙ୍କ ଜମିରେ ମୁଗ ବିରି ଫସଲ କରିଛନ୍ତି। ସେହି ଫସଲକୁ ଜଣଙ୍କର ଗୋରୁ ଖାଉଥିବାରୁ ବୃଦ୍ଧ ଜଣକ ବାରଣ କରିଥିଲେ। ଏଥିରେ ରାଗିଯାଇ ଗୋରୁ ମାଲିକ ଏକ ଠେଙ୍ଗାରେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ପହଞ୍ଚି ଆହତ ବୃଦ୍ଧଙ୍କୁ ଗ୍ରାମବାସୀଙ୍କ ସହଯୋଗରେ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲସରା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ।

## ପ୍ରାକ୍ତନ ଓଡ଼ିଆ ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

**ବୁଗୁଡ଼ା,୧୨।୩(ଡି.ଏନ.ଏ.):** ବୁଗୁଡା ପିପୁଲସ କଲେଜର ପ୍ରାକ୍ତନ ଅଧାପକ ଡ. ସୁରେଶ ଚନ୍ଦ୍ର ସାହୁଙ୍କ ବିୟୋଗରେ ଓଡ଼ିଆ ବିଭାଗ ତରଫରୁ ଶୋକ ବ୍ୟକ୍ତ କରାଯାଇଛି। ସାହୁ ପିପୁଲସ କଲେଜରେ ଦୀର୍ଘ ବର୍ଷ ଧରି ଅଧାପନା କରି ୨୦୧୫ରେ ଅବସର ପରେ ପୈତୃକ ଗ୍ରାମ ଆସ୍କା ନିକଟ କୁମ୍ଭାରୀରେ ବାସ କରୁଥିବା ବେଳେ ଗତ ରାତିରେ ତାଙ୍କର ୬୬ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। କଲେଜ ଅଧକ୍ଷ ରଜନୀ କାନ୍ତ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶୋକ ସଭାରେ ଓଡ଼ିଆ ବିଭାଗର ପ୍ରାକ୍ତନ ଅଧାପକ ଡ. ପ୍ରଶାନ୍ତ କୁମାର ମହାପାତ୍ର, ଅଧାପକ ଡ. ହିମାଂଶୁ ଶେଖର ରଥ, ଡ. ସଞ୍ଜୟ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ ଓ ମହିଳା ମହାବିଦ୍ୟାଳୟର ଅଧାପକ ବିଭୂତି ଭୂଷଣ ମିଶ୍ରଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ସାମ୍ବିଧାନିକ ପ୍ରକ୍ରିୟାରେ ହେଉନି ପୌର ନିର୍ବାଚନ

**ବ୍ରହ୍ମପୁର ଅଫିସ,୧୨।୩**

- ଗଞ୍ଜାମ ଜିଲା କଂଗ୍ରେସ ସଭାପତିଙ୍କ ଅଭିଯୋଗ
- ବ୍ରହ୍ମପୁର ମେୟର ପ୍ରାର୍ଥୀ ମଞ୍ଜୁଙ୍କ ପ୍ରଚାର ଆରମ୍ଭ

ବ୍ରହ୍ମପୁର ପୌର ନିର୍ବାଚନର କଂଗ୍ରେସ ମେୟର ପ୍ରାର୍ଥୀ ମଞ୍ଜୁ ରଥଙ୍କ ଭୋଟ ପ୍ରଚାର ଶନିବାର ଆରମ୍ଭ ହୋଇଛି। ସହରର ଆରାଧ୍ୟ ଦେବୀ ମା’ ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବଡ଼ ବଜାର ଓ ସାନ ବଜାର ଅଞ୍ଚଳର ୱାର୍ଡଗୁଡ଼ିକ ପରିକ୍ରମା କରିଥିଲେ। ଦୀର୍ଘଦିନ ପରେ ମହାନଗରକୁ ଆସିଥିବା ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ସାଥୀରେ ଥିଲେ। ୧୭ ୱାର୍ଡରେ ଦଳୀୟ କର୍ପୋରେଟର ପ୍ରାର୍ଥୀ ନ ଥିବା ସତ୍ତ୍ୱେ ସଭାପତିଙ୍କ ନିର୍ବାଚନୀ ପ୍ରଚାରରେ ଅନେକ ସମର୍ଥକ ଓ କର୍ମୀ ସାମିଲ ହୋଇଥିଲେ।

ସଭାପତି ହେବା ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ ବାପୁଜୀ ଆଶ୍ରମରେ ଜେନା ପ୍ରଥମ କରି ପ୍ରବେଶ କରିଥିଲେ। ତାଙ୍କ ଦ୍ୱାରା ମନୋନୀତ କର୍ମକର୍ତ୍ତାମାନଙ୍କ ସହ ଆଲୋଚନାକରି ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ଖବରଦାତାଙ୍କୁ ରମେଶ କହିଥିଲେ, ସଦ୍ୟ ସମାପ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ଚଳିତ ପୌର ନିର୍ବାଚନକୁ ରାଜ୍ୟ ସରକାର ସାମ୍ବିଧାନିକ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ କରୁନାହାନ୍ତି। ନିଜ ଦଳର ସଂଖ୍ୟା ବୃଦ୍ଧି ନିମନ୍ତେ ନାନା ପ୍ରକାର ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ଶାସକ ଗୋଷ୍ଠୀ ବିରୋଧୀ ଦଳ ଓ ପ୍ରାର୍ଥୀଙ୍କୁ ବିଭିନ୍ନ ଭାବରେ ପ୍ରଲୋଭିତ ଏବଂ ଧମକଚମକ ଦେଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପ୍ରୟାସ ଚଳାଇଛନ୍ତି। କେତେକ କ୍ଷେତ୍ରରେ ସଫଳ ମଧ୍ୟ ହୋଇଛନ୍ତି। ତେଣୁ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ସହରାଞ୍ଚଳ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେଇନଥିବା ସ୍ୱୀକାର କରିଛନ୍ତି। ବିଜେଡି ସରକାରଙ୍କ ଟାର୍ଗେଟ କରି ରମେଶ କହିଥିଲେ, ରାଜ୍ୟରେ ବେରୋଜଗାରୀଙ୍କ ସଂଖ୍ୟା ବଢ଼ି ଚାଲିଛି। ବିଭିନ୍ନ ସାମଗ୍ରୀର ଦରଦାମ ନିୟନ୍ତ୍ରଣକୁ ଆଣିବାରେ ସରକାର ବିଫଳ ହୋଇଛନ୍ତି। ବିକାଶ ବାଧାପ୍ରାପ୍ତ ହୋଇଛି ଏବଂ ଅନେକ ଯୋଜନା କେବଳ ଘୋଷଣାରେ ଅଟକି ଯାଇଛି। ଏହି ସବୁ କାରଣରୁ ଲୋକେ ଉଭୟ ରାଜ୍ୟ ଓ କେନ୍ଦ୍ର ଶାସନ ପ୍ରତି ବିମୁଖ ହୋଇଯାଇଛନ୍ତି। ରାଜ୍ୟରେ ଓ ଏହି ଜିଲାରେ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଛି ତାହା କଂଗ୍ରେସ ଶାସନରେ ହୋଇଥିବା ଦର୍ଶାଇଥିଲେ। କଂଗ୍ରେସର ମେୟର ଓ କର୍ପୋରେଟର ପ୍ରାର୍ଥୀମାନେ ନିର୍ବାଚିତ ହେବାର ସେ ଆଶା ପ୍ରକଟ କରିଥିଲେ। ବାପୁଜୀ ଆଶ୍ରମରେ ରବି ରଥଙ୍କ ସମେତ ମେୟର ଓ କର୍ପୋରେଟର ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।


କଂଗ୍ରେସର ଭୋଟର ପ୍ରଚାର ରାଲି ।

## ହାଇୱା ଧକ୍କାରେ ଜଣେ ମୃତ

**ହିଞ୍ଜିଳିକାଟୁ,୧୨।୩(ଡି.ଏନ.ଏ)**

ହିଞ୍ଜିଳି ଥାନା ବେଲଗାଁ ଛକ ରାସ୍ତା ପାର୍ଶ୍ୱରେ ଶନିବାର ଅପରାହ୍ନରେ ବାଇକ ରଖି ଠିଆ ହୋଇଥିବା ଜଣେ ଯୁବକଙ୍କ ଏକ ହାଇୱା ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହିଞ୍ଜିଳି ଥାନା ଗଣ୍ଡଳା ଗ୍ରାମର କାଳିଆ ସେଠୀ (୨୧)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଗୁରୁତର କାଳିଆଙ୍କୁ ଉଦ୍ଧାର କରି ବେଲଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୨୦/୨୨ରେ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୧୬ରେ କେଏସ୍‌ୟୁବି କଲେଜରେ ରକ୍ତଦାନ ଶିବିର

**ଭଞ୍ଜନଗର,୧୨।୩(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଆସନ୍ତା ୧୬ରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର କଲେଜରେ ଏନ୍‌ସିସି ଆର୍ମି, ନାଭାଲ, ଏନ୍‌ଏସଏସ, ରେଡ୍‌କ୍ରସ ପକ୍ଷରୁ ମିଳିତ ଭାବେ ଏକ ବୈଠକ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ଡ. ପୀତବାସ ପାଳ, ସାତ୍ୟକୀ ସାହୁ, ରାଜେନ୍ଦ୍ର କୁମାର ଦାସ, ବଦ୍ରିନାରାୟଣ ପାତ୍ର, ସନାତନ ବେହେରା, ରଜନୀ କାନ୍ତ ତ୍ରିପାଠୀ, ସୁନୀଲ ଦାସ, ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ସସ୍ମିତା ଦାସ, ମନ୍ଦାକିନୀ ପଣ୍ଡା, ରାଜଶ୍ରୀ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅଧ୍ୟାପକ ବିକ୍ରମ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଜାଦୀ କା ଅମୃତ ମହୋତ୍ସବ ଉଦ୍‌ଯାପିତ

**କବିସୂର୍ଯ୍ୟନଗର,୧୨।୩(ଡି.ଏନ.ଏ.)**

କବିସୂର୍ଯ୍ୟନଗର ସିନ୍ଦୁରିଆପଡା ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରଠାରେ ଦକ୍ଷିଣାଞ୍ଚଳ ନିୟୋଜନ କାର୍ଯ୍ୟାଳୟ ତରଫରୁ ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଜିଲାସ୍ତରୀୟ ଆଜାଦୀ କା ଅମୃତ ମହୋତ୍ସବର ଆଇକନିକ ସପ୍ତାହ ପାଳନ ହୋଇଯାଇଛି। ସପ୍ତାହର ଶେଷ ଦିନରେ ରିଜିଓନାଲ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ ଏମ୍ପ୍ଲୟମେଣ୍ଟ ଆର. ଏମ୍. ଜିଲାନାଙ୍କ ସଭାପତିତ୍ୱରେ ସମାରୋହକୁ ଗୋପବନ୍ଧୁ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ, ସମ୍ମାନିତ ଅତିଥି ଭାବେ ଶିଳ୍ପ ଉଦ୍ୟୋଗୀ ତଥା ସାମାଜିକ କର୍ମୀ ମାହେଶ୍ୱରୀ ଦୋରା, ଜିଲା ନିୟୋଜନ ଅଧିକାରୀ ପାର୍ଥ ସାରଥୀ ନାୟକ ଯୋଗ ଦେଇଥିଲେ। ନିଜେ ଆତ୍ମନିର୍ଭରଶୀଳ ହେବା ସହ ନିଜସ୍ୱ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ମହାନ ବ୍ୟକ୍ତିଙ୍କୁ ମାନପତ୍ର, ସିଲ୍‌ଡ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ତାଲିମ କେନ୍ଦ୍ରର ଛାତ୍ର, କୃତୀଛାତ୍ର, ଉଦ୍ୟୋଗୀ ଓ କର୍ମଚାରୀ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

# ଜିଲା ଆଇନ ସେବା ପ୍ରାଧିକରଣର ରାଷ୍ଟ୍ରୀୟ ଲୋକ ଅଦାଲତ

**ପାରଳାଖେମୁଣ୍ଡି,୧୨।୩**

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଶନିବାର ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧକରଣ ଓ ରାଜ୍ୟ ଆଇନ ସେବା ପ୍ରାଧକରଣଙ୍କ ନିର୍ଦ୍ଦେଶ ଅନୁଯାଇ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲା ତଥା ଦୌରା ଜଜ୍ ସତ୍ୟପିର ମିଶ୍ର ଉପସ୍ଥିତ ରହି ବିଭନ୍ନ କୋର୍ଟ କାର୍ଯ୍ୟ ତଦାରଖ କରିଥିଲେ। ପ୍ରାଧକରଣ ସଚିବ ରବି ନାରାୟଣ ବେହେରା ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲା ଜଜ୍ ହେମନ୍ତ କୁମାର ସେଠୀ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ପଣ୍ଡା, ସବ୍ ଜଜ୍ ଦୀପଙ୍କର ପଟ୍ଟନାୟକ, କୋର୍ଟ ରେଜିଷ୍ଟ୍ରର ସତ୍ୟବ୍ରତ ରାଣା, ଉପ ଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ବର୍ଷା ଶର୍ମା, ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରିଣୀ ସୁଶ୍ରୀ ସୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ୩୧୨ କେସକୁ ବିଚାରକୁ ନିଆଯାଇ ୭୯ ମାମଲାର ସମାଧାନ କରାଯାଇ ୨୫,୦୦,୦୦୦,୦୦ ଜରିମାନା ଆଦାୟ କରଯାଇଥିଲା। ଏହି ଲୋକ ଅଦାଲତରେ ୨୨ କେସ୍ ଫଇସଲା ହୋଇଯାଇଛି।

## ଚକ୍ଷୁ ପରୀକ୍ଷା ଶିବିର

**ବୁଗୁଡ଼ା,୧୨।୩(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳ ପ୍ରାଙ୍ଗଣରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଲଙ୍କ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରଳ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବନଖଣ୍ଡ ଅଧିକାରୀ ଦକ୍ଷିଣ ଘୁମୁସର ବନଖଣ୍ଡ ଭଞ୍ଜନଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବୁଗୁଡା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବନସୁରକ୍ଷା ସମିତିର ୨୩ ଓ ଆଖପାଖ ଅଞ୍ଚଳର ୨୨ ଜଣ ଚକ୍ଷୁ ରୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୫ ଜଣ ପରଳରୋଗୀଙ୍କୁ ଚିହ୍ନଟ କରି ସଙ୍ଗେ ସଙ୍ଗେ ବସ୍ ଯୋଗେ ପରଳ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଲକୁ ପଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶୁଭକାନ୍ତ ମିଶ୍ର ଓ ଶୋଭନ ପଟ୍ଟନାୟକ, ବିଷୟବସ୍ତୁ ବିଶେଷଜ୍ଞ ଯୋଗଦାନ କରିଥିଲେ।

# ଘର ଘର ବୁଲି ଚେୟାରମ୍ୟାନ ପ୍ରାର୍ଥିନୀଙ୍କ ଭୋଟ ଭିକ୍ଷା

**ଗଞ୍ଜାମ,୧୨।୩(ଡି.ଏନ.ଏ.)**

ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନ ତାତି ସେତିକି ବଢୁଛି। ପ୍ରାର୍ଥିପତ୍ର ଯାଞ୍ଚ ସରିବା ପରେ ବିଜେଡି ପ୍ରଚାରରେ ଆଗୁଆ ରହିଥିବା ଜଣାପଡିଛି। ପୁଇଁତୋଲା ୱାର୍ଡ ନଂ ୮ ଓ ୯ ରେ ବିଜେଡି ଚେୟାରମ୍ୟାନ ପ୍ରାର୍ଥିନୀ ଝୁଲି ପାତ୍ର ଓ ୱାର୍ଡ ନଂ ୮ କାଉନସିଲର ପ୍ରାର୍ଥିନୀ ମହାଲକ୍ଷ୍ମୀ ନାୟକ ଏବଂ ୯ ନଂ. ୱାର୍ଡ କାଉନସିଲର ପ୍ରାର୍ଥୀ ସ୍ୱାଗତ ପ୍ରସାଦ ନାୟକ ମିଶି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କୁ କହି ନିଜ ସପକ୍ଷରେ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ପୌର ନିର୍ବାଚନ ପ୍ରଚାରର ମଙ୍ଗ ଧରିଛନ୍ତି ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଯୁବ ସଙ୍ଗଠକ ତଥା ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ଉର୍ମିଳା ପଲାଇ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ଅଜୟ ବାରିକି, ଓକିଲ ପଙ୍କଜ ବାରିକି, ଶିବରାମ ଜେନା, ପୂର୍ବତନ ଏମ୍‌ପି ପ୍ରତିନିଧି ସୁଦାମ ଚରଣ ପଲାଇ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ନଗର ସଭାପତି ପି ରାଜୁ ରେଡ୍ଡୀ, ଷ୍ଟାର ପ୍ରଚାରକ ମନୋଜ ପଣ୍ଡା, ବିଜେଡି ଯୁବନେତା ନିରଞ୍ଜନ ପରିଡ଼ା, ବିଜେଡି ଏନ୍‌ଏସି କୋଷାଧ୍ୟକ୍ଷ ମନୋଜ ପ୍ରଧାନ ପ୍ରମୁଖ।


ପ୍ରାର୍ଥୀ ଓ ଦଳୀୟ କର୍ମୀମାନେ ନିର୍ବାଚନ ପ୍ରଚାର କରୁଛନ୍ତି।

# ଅଧ୍ୟକ୍ଷା ପ୍ରାର୍ଥିନୀଙ୍କ ପ୍ରଚାର

**ଜି.ଉଦୟଗିରି,୧୨।୩(ଡି.ଏନ.ଏ.)**

ଜି.ଉଦୟଗିରି ପୌର ନିର୍ବାଚନ ପାଖେଇ ଆସୁଥିବା ବେଳେ ଆରମ୍ଭ ହୋଇଛି ଡୋର ଟୁ ଡୋର କ୍ୟାମ୍ପେନ। ସାମୂହିକ ପ୍ରଚାର ଆଗାମୀ ଦିନରେ ହେବାକୁ ଥିବା ବେଳେ ଏବେ ପ୍ରମୁଖ ରାଜନୈତିକ ଦଳ ସହିତ ସ୍ୱାଧୀନ ପ୍ରାର୍ଥୀମାନେ ନିଜର ଅଧ୍ୟକ୍ଷା ପ୍ରାର୍ଥିନୀଙ୍କ ସହିତ ସମ୍ପୃକ୍ତ କାଉନସିଲରମାନଙ୍କୁ ଧରି ଆରମ୍ଭ କରିଛନ୍ତି ପ୍ରଚାର। ଏହି କ୍ରମରେ ଶନିବାର ବିଜେଡି ଅଧ୍ୟକ୍ଷା ପ୍ରାର୍ଥିନୀ ଭାନୁପ୍ରଭା ମିଶ୍ରଙ୍କ ସହିତ ୧୦ ନମ୍ବର ୱାର୍ଡ କାଉନସିଲର ପ୍ରାର୍ଥୀ ଦେବନାଥ ଦଳବେହେରା ମହାଗୁଡା ସାହି, ବରାଳିନିସାହିର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଜି.ଉଦୟଗିରି ଏନ୍‌ଏସିର ବିକାଶ ପାଇଁ ବିଜେଡି ଅଧ୍ୟକ୍ଷା ପ୍ରାର୍ଥିନୀ, କାଉନସିଲର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବିଜେଡି ନେତା ସୁଶୀଳ ପାଣିଗ୍ରାହୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।


ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୨ ମାମଲାର ଫଇସଲା

**ଆସିକା,୧୨।୩ (ଡି.ଏନ.ଏ)**

ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଅନୁଷ୍ଠିତ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୨ମାମଲାର ଫଇସଲା କରାଯାଇ ୧ କୋଟି ୪୯ ଲକ୍ଷ ୯୪ ହଜାର ୬୦୬ ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ଫୌଜଦାରୀ ମାମଲା, ଚେକ ବାଉନସ ମାମଲା, ବ୍ୟାଙ୍କ ଋଣ ସମ୍ବନ୍ଧିୟ ମାମଲା, ବୈବାହିକ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ ମାମଲା ଆଦି ରହିଛି । ଆସିକା ତାଲୁକା ଆଇନସେବା ପ୍ରାଧକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୁଜାତା ପ୍ରିୟମ୍ବଦା ସ୍ୱାଇଁ, କନିଷ୍ଠ ଦେୱାନି ବିଚାରପତି ସମପିତା ସମଦର୍ଶିନୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ମିଷ୍ଠା ଜେନା, ଶ୍ରୀୟା ଋତୁପର୍ଣ୍ଣା ସାହୁ ପ୍ରମୁଖ ମାମଲାର ବିଚାର କରିଥିଲେ।

## ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ଆସିକା,୧୨।୩ (ଡି.ଏନ.ଏ.)**

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ, ରାଷ୍ଟ୍ରୀୟ ସେବା ସଂସ୍ଥା, ସମର ଶିକ୍ଷାର୍ଥି ବାହିନୀ, ସ୍କାଉଟ ଏବଂ ରୋଭର୍ସ ରେର୍ସ ଶାଖାର ମିଳିତ ଉଦ୍ୟମରେ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିରରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭଞ୍ଜନଗର ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ମିଞ୍ଜ ଏବଂ ସମ୍ମାନିତ ଅତିଥି ରୂପେ ଡାକ୍ତର ଅନିଲ କୁମାର ଚୌଧୁରୀ ଯୋଗଦେଇଥିଲେ।

# ଲୋକ ଅଦାଲତରେ ୧୧ ମାମଲାର ସମାଧାନ

**ବୁଗୁଡ଼ା,୧୨।୩(ଡି.ଏନ.ଏ.)**

ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର ୧୧ମାମଲାର ଫଇସଲା ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ଔରୋଲିପି ପରିଚ୍ଛା, ରିଟେଇନର ସାଇ ସନ୍ତୋଷିନୀ ପ୍ରଧାନ ଓ ଅଧିବକ୍ତା ବିଭୁଦତ୍ତ ନାୟକଙ୍କ ସମେତ କୋର୍ଟ କର୍ମଚାରୀ ଶ୍ରଦ୍ଧାଞ୍ଜଳି ସେଠୀ, ରବୀନ୍ଦ୍ର ପାତ୍ର ଓ ଗଣେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଓକିଲ।

# ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା

**ଫୁଲବାଣୀ ଅଫିସ, ୧୨।୩**

ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଚାରପତିମାନେ ଫୌଜଦାରି ଓ ଦେୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ଓ ବୈବାହିକ ବିବାଦ ସମ୍ବନ୍ଧୀୟ ଆଦି ବିଭିନ୍ନ ମାମଲାର ବିଚାର କରିଥିଲେ। ୬ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୭ ଲକ୍ଷ ୯୦ ହଜାର ୭୨୨ ଟଙ୍କା, ୬ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାରେ ୪୯ଲକ୍ଷ ୮୦ହଜାର ଟଙ୍କା ଆଦାୟ କରାଯାଇଥିଲା। ୯ ଫୌଜଦାରି, ୪ ନିଶା ଦ୍ରବ୍ୟ ଚାଲାଣ, ୧୧ ବୈବାହିକ ବିବାଦ ଓ ୧୪ ସିଭିଲ୍ କେସ୍ ବିଚାର କରାଯାଇଥିଲା। ଏତଦ୍ ବ୍ୟତୀତ ୫୮ ଛୋଟ ଛୋଟ କେସ୍ ଗୁଡ଼ିକର ବିଚାର କରାଯାଇଥିଲା। ଜିଲା ଦୌରା ଜଜ୍ ଶିତିକଣ୍ଠ ସାମଲ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା, ପାରିବାରିକ ଅଦାଲତ ବିଚାରପତି ସ୍ମୃତିଲେଖା ବାରିକ୍, ଅତିରିକ୍ତ ଜିଲା ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ, ସ୍ଥାୟୀ ଲୋକ ଅଦାଲତ ଜଜ୍ ସନ୍ତୋଷ କୁମାର ନାୟକ, ଫୁଲବାଣୀ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୈକତ୍ ପାତ୍ର, ଦେୱାନୀ ଅଦାଲତର ରେଜିଷ୍ଟ୍ରାର ସି.ଏ.ଦେଶପ୍ରିୟ ନାୟକ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରମାଦେବୀ ସୋରେନ୍, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅର୍ଜିତ୍ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିରାଜ ପ୍ରସାଦ ପଣ୍ଡା ଓ ପ୍ରେରଣାଶ୍ରୀ ଦେଓ ପ୍ରମୁଖ ଉପସ୍ଥିତ ରହି ମାମଲାର ବିଚାର କରିଥିଲେ ।


ମାମଲାର ବିଚାର ଚାଲିଛି।

